## ସଂକ୍ଷେପରେ

### ଆହତ କୁଟୁରା ଉଦ୍ଧାର



**କାମାକ୍ଷାନଗର, ୬।୩(ଡି.ଏନ୍.ଏ.):** କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍ ଅନ୍ତର୍ଗତ ସମାଟାଙ୍ଗୀ ଗ୍ରାମ ନିକଟ ତେଣ୍ଡାଖୋଲ ମଠରୁ ରବିବାର ସକାଳେ ଏକ ଆହତ କୁଟୁରାକୁ ଉଦ୍ଧାର କରାଯାଇଛି। ପାଣି ପିଇବା ପାଇଁ ଉକ୍ତ କୁଟୁରା ଜନବସତିକୁ ଚାଲିଆସିଥିବା ବେଳେ କୁକୁର ପଲ ହାବୁଡ଼ରେ ପଡ଼ିଯାଇଥିଲା। ଜୀବନ ବଞ୍ଚାଇବା ଲାଗି କୁଟୁରାଟି ମଠ ଭିତରକୁ ପଶିଯାଇଥିଲା। ମଠରେ ରହୁଥିବା କର୍ମଚାରୀମାନେ ଏହାକୁ କୁକୁରଙ୍କ କବଳରୁ ଉଦ୍ଧାର କରି ବନ କର୍ମଚାରୀଙ୍କୁ ହସ୍ତାନ୍ତର କରିଛନ୍ତି। ଆବଶ୍ୟକ ଚିକିତ୍ସା ପରେ କୁଟୁରାଟିକୁ ସୁନାଝରି ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର



**ଛେଣ୍ଡିପଦା, ୬।୩(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଜରପଡ଼ା ବାନାଞ୍ଚଳ ଅଧୀନ ଘୁଣ୍ଟୁଲିପଶି ଗ୍ରାମରେ ରବିବାର ଭାଲୁ ଆକ୍ରମଣରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ କୋଇଲି ସେଠୀ। ଭୋର୍ ସମୟରେ କୋଇଲି ପରିସ୍ରା କରିବାକୁ ଯାଇଥିବାବେଳେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ସୂଚନା ପାଇ ବାଲିପଟା ଫରେଷ୍ଟର ମିଳନ କୁମାର ସେଠୀ, ଫରେଷ୍ଟ ଗାର୍ଡ ଜିତେନ୍ଦ୍ର ସାହୁ, ହାତୀ ସ୍କ୍ୱାଡ୍ କର୍ମଚାରୀ ମାଧବ ଚନ୍ଦ୍ର ପ୍ରଧାନ ପହଞ୍ଚି ଗୁରୁତର କୋଇଲିଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ନବାହ୍ନ ପାରାୟଣ, ପ୍ରବଚନ ମହାଯଜ୍ଞ

**ଛେଣ୍ଡିପଦା, ୬।୩(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ ଖମାର ଗ୍ରାମରେ ରାମଚରିତ ମାନସ, ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଆରମ୍ଭ ହୋଇଛି। ପାରାୟଣ କମିଟି ସଭାପତି ମନୋଜ ଆଚାର୍ଯ୍ୟ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଉପଲକ୍ଷେ ଗ୍ରାମର ଶତାଧିକ ମହିଳା ଅରାଟୁଆରୁ କଳସରେ ପାଣି ଆଣି ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ହଳଧର ଗଡ଼ନାୟକ, ଚପଳା ଗଡ଼ନାୟକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଆସନ୍ତା ୧୪ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ହେବ। ପାରାୟଣ କମିଟି ସମ୍ପାଦକ ରଶ୍ମିରଞ୍ଜନ ମାଝି, ଉପଦେଷ୍ଟା ବାବୁଲାଲ ଗଡ଼ନାୟକ, ଉପସଭାପତି ଶ୍ରବଣ ଗଡନାୟକ, ପ୍ରଫୁଲ୍ଲ ମାଝି, କୁଲୁ ସାହୁ ପ୍ରମୁଖ ପରିଚାଳନା ଦାୟିତ୍ୱ ତୁଲାଉଥିବାବେଳେ ଆଖପାଖ ଗ୍ରାମର ବହୁ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗଦେଇଛନ୍ତି।

### ୨୬ ଜଣଙ୍କୁ ଉଦ୍ୟୋଗ ବିକାଶ ତାଲିମ



**ଅନୁଗୋଳ ଅଫିସ, ୬।୩:** ସ୍ୱେଚ୍ଛାସେବୀ ସଙ୍ଗଠନ 'ସଂକଳ୍ପ ସୋସିଆଲ୍ ଆଣ୍ଡ୍ ଚାରିଟେବୁଲ ଟ୍ରଷ୍ଟ' ଏବଂ ଅନୁଗୋଳ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ କେଦାର ଗୌରୀ ଦୃଷ୍ଟିବାଧିତ ସ୍କୁଲରେ ଚାଲିଥିବା ଉଦ୍ୟୋଗ ବିକାଶ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ୨୬ ଜଣ ଅନ୍ତେବାସୀଙ୍କୁ ଧୂପକାଠି ପ୍ରସ୍ତୁତି, ବିକ୍ରି ଏବଂ ବଜାର ସୁବିଧା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଶୈଳବାଳା ମିଶ୍ର, ମୁଖ୍ୟବକ୍ତା ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ପ୍ରଦୀପ କୁମାର, ସମ୍ମାନିତ ଅତିଥି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ପ୍ରଶାନ୍ତ ବେହେରା, ଟ୍ରଷ୍ଟର ଜିଲା ସଂଯୋଜକ ବିମଳ ସାହୁ ପ୍ରମୁଖ ଯୋଗଦେଇ ଅନ୍ତେବାସୀଙ୍କ ମାର୍ଗଦର୍ଶନ କରାଇଥିଲେ। ଦୀପ୍ତି ସାହୁ ଅନ୍ତେବାସୀଙ୍କୁ ତାଲିମ ପ୍ରଦାନ କରିଥିବାବେଳେ ସୁଭଦ୍ରାରାଣୀ ଦାସ, ନୀତେଶ ଜେନା, ମିର୍ଜା ସାଜିଦ୍ ବେଗ, ପତିତପାବନ ଜେନା, କୃଷ୍ଣଚନ୍ଦ୍ର ବେହେରା, ସୁଶାନ୍ତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସମିତି କବ୍‌ଜା ପାଇଁ ଛକାପଞ୍ଝା

**ବଇଣ୍ଡା, ୬।୩(ଡି.ଏନ.ଏ.)**

ସରିଛି ପଞ୍ଚାୟତ ନିର୍ବାଚନ ଭୋଟ। ଫଳାଫଳ ମଧ୍ୟ ପ୍ରକାଶ ପାଇଛି। ଏବେ ସବୁ ଦଳର ଆଖି ଅଟକିଛି ବ୍ଲକ ଅଧ୍ୟକ୍ଷ ପଦବୀ ଉପରେ। ନିର୍ବାଚନ ଶେଷ ହେଉ ହେଉ ବିଜୟୀ ସମ୍ଭାବନା ଥିବା ସମିତିସଭ୍ୟ ପ୍ରାର୍ଥୀଙ୍କୁ ଅଜ୍ଞାତବାସରେ ପଠାଇ ଦିଆଯାଇଥିବାବେଳେ ଏବେ ସମର୍ଥନ ଯୋଗାଡ଼ରେ ବ୍ୟସ୍ତ ଅଛନ୍ତି ଅନୁଗୋଳ ଜିଲା କିଶୋରନଗର ଏବଂ ଆଠମଲ୍ଲିକ ବ୍ଲକର ପ୍ରମୁଖ ରାଜନୈତିକ ଦଳ। ଆଠମଲ୍ଲିକ ବ୍ଲକରେ ସମିତି ଗଠନ କରିବାକୁ ବିଜେଡି, ଭାଜପା ଦୃଢ଼ୋକ୍ତି ପ୍ରକାଶ କରୁଥିବାବେଳେ ଆସନ୍ତା ୧୨ ତାରିଖରେ ସମିତି ଅଧ୍ୟକ୍ଷ ପାଇଁ ହେବାକୁ ଥିବା ନିର୍ବାଚନରେ ଚିତ୍ର ସ୍ପଷ୍ଟ ହୋଇଯିବ।

ଅନୁଗୋଳ ଜିଲା କିଶୋରନଗର ଏବଂ ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ସମସ୍ତ ୬ ଜିଲା ପରିଷଦ ଜୋନ୍ ଉପରେ କବ୍‌ଜା କରି ପଞ୍ଚାୟତ ନିର୍ବାଚନରେ ସ୍ଥିତି ଦୃଢ଼ କରିଛି ବିଜେଡି। ଦଳୀୟ ସମର୍ଥିତ ଅନେକ ସମିତିସଭ୍ୟ ମଧ୍ୟ ବିଜୟୀ ହୋଇଛନ୍ତି।




ଏସବୁ ସମୀକରଣ ଭିତରେ ବ୍ଲକ ଅଧ୍ୟକ୍ଷ ପଦବୀ ହାତେଇବାକୁ ଦୃଢ଼ୋକ୍ତି ପ୍ରକାଶ କରିଛି ଶାସକ ଦଳ। କିଶୋରନଗର ବ୍ଲକର ବ୍ଲକ ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି ବର୍ଗ ଲାଗି ସଂରକ୍ଷିତ ରହିଛି। ବ୍ଲକର ମୋଟ ୨୩ ସମିତିସଭ୍ୟଙ୍କ ମଧ୍ୟରୁ ବ୍ଲକ ଅଧ୍ୟକ୍ଷ ପାଇଁ ୧୨ ଜଣଙ୍କ ସମର୍ଥନ ଜରୁରୀ। ତେବେ ବିଜେଡି ପକ୍ଷରୁ ୧୫ରୁ ଊର୍ଦ୍ଧ୍ୱ ସମିତିସଭ୍ୟଙ୍କୁ ଏକାଠି କରି ଜିଲା ବାହାରେ ଏକ ହୋଟେଲ୍‌ରେ ଅଜ୍ଞାତବାସରେ ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସେହିପରି ମୋଟ ୫ ଆସନରେ ଅନୁସୂଚିତ ଜାତି ବର୍ଗର ସମିତି ମେମ୍ବର ଜିତିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ଜଣ ଅଧ୍ୟକ୍ଷ ପଦବୀ ଦୌଡ଼ରେ

**■ଅଜ୍ଞାତବାସରେ ସମିତିସଭ୍ୟ, ଚାଲିଛି ସମର୍ଥନ ଯୋଗାଡ଼**

**■ଆଠମଲ୍ଲିକ ସମିତି ହାତେଇବାକୁ ବିଜେଡି, ଭାଜପାର ଦୃଢ଼ୋକ୍ତି**

ଅଛନ୍ତି। ସେମାନଙ୍କ ଭିତରୁ କେହି ଜଣେ ଅଧ୍ୟକ୍ଷ ଆସନରେ ବସିବେ ବୋଲି ଏକରକମ ସ୍ପଷ୍ଟ ହୋଇଛି। ହେଲେ ଦଳୀୟ ନେତୃବୃନ୍ଦ କାହାକୁ ବିଶ୍ୱାସକୁ ନେବେ ତାହା ଉପରେ ଏବେ ସମସ୍ତଙ୍କ ଦୃଷ୍ଟି ଅଟକିଛି।

ସେହିପରି ଆଠମଲ୍ଲିକ ବ୍ଲକର ମୋଟ ପଞ୍ଚାୟତ ସଂଖ୍ୟା ୨୪। ସେହିଦୃଷ୍ଟିରୁ ସମିତି ଗଠନ ପାଇଁ ମ୍ୟାଜିକ୍ ସଂଖ୍ୟା ହେଉଛି ୧୩। ଏହି ଆସନ ଅଣସଂରକ୍ଷିତ ରହିଥିବାରୁ ଶାସକ ଦଳ ସମର୍ଥନରେ ଅଧ୍ୟକ୍ଷ ହେବା ଆଶାରେ ଏକାଧିକ ଆଶାୟୀ ଅଛନ୍ତି। ଅଞ୍ଚଳର ପ୍ରତିଷ୍ଠିତ ୨ ଠିକାଦାରଙ୍କ ସମ୍ପର୍କୀୟଙ୍କ ସହ ଅନ୍ୟ ୨ଜଣ ଏହି ଦୌଡ଼ରେ ରହିଛନ୍ତି। ହେଲେ ଏଥିଲାଗି ଆବଶ୍ୟକ ସମର୍ଥନ ଯୋଗାଡ଼ ହୋଇପାରି ନ ଥିବା ଚର୍ଚ୍ଚା ହେଉଛି। ଜଣେ ପୁରୁଖା ନେତା ୬ ସମିତିସଭ୍ୟଙ୍କୁ ଏକାଠି କରିବାରେ ସକ୍ଷମ ହୋଇଥିବାବେଳେ ଅନ୍ୟ ଆଶାୟୀମାନେ ଏଥିରେ ବିଫଳ ହୋଇଥିବା ରାଜନୈତିକ କରିଡରରେ ଆଲୋଚନା ହେଉଛି। ସେହିପରି ଭାଜପା ପକ୍ଷରୁ ମଧ୍ୟ ବ୍ଲକ ଅଧ୍ୟକ୍ଷ ପଦବୀ ହାତେଇବାକୁ ଜୋର୍‌ଦାର ଉଦ୍ୟମ ଚାଲିଥିବା ଆଭ୍ୟନ୍ତରୀଣ ମହଲରୁ ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ କୁହନ୍ତି, ଉଭୟ ବ୍ଲକରେ ବିଜେଡି ସମିତି ଗଠନ କରିବ। ବିଜେଡି ସମର୍ଥିତ ପ୍ରାର୍ଥୀ ଅଧ୍ୟକ୍ଷ ହେଲେ ୨ ବ୍ଲକରେ ବିକାଶ ତ୍ୱରାନ୍ୱିତ ହେବ। ସେହିପରି ଭାଜପା ନେତା ଭାଗୀରଥି ପ୍ରଧାନ କୁହନ୍ତି, ଆଠମଲ୍ଲିକ ସମିତି ଭାଜପା ଗଠନ କରିବ। ଏ ନେଇ ଆଲୋଚନା ଚାଲିଛି।

# ସ୍ମିତାରାଣୀଙ୍କୁ ଭରସା କଲା କଂଗ୍ରେସ

**ଢେଙ୍କାନାଳ ଅଫିସ, ୬।୩**

ଢେଙ୍କାନାଳ ଗାନ୍ଧୀମନ୍ଦିରରେ ରବିବାର ଅପରାହ୍ନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ନଗରପାଳ ପ୍ରାର୍ଥୀ ଭାବେ ସ୍ମିତାରାଣୀ ସାମଲଙ୍କ ନାମ ଘୋଷଣା କରାଯାଇଛି। ଜଣେ ସାମାଜିକ କର୍ମୀ ଭାବେ ସ୍ମିତାରାଣୀ

**■ ଦଳରେ ମିଶିଲେ ବହୁ ନେତା କର୍ମୀ**

ଜଣାଶୁଣା। ରାଜନୀତିରେ ନୂଆ ମୁହଁ ହୋଇଥିଲେ ମଧ୍ୟ କଂଗ୍ରେସ ତାଙ୍କ ଉପରେ ଭରସା କରି ଟିକେଟ ଦେଇଛି। ସୋମବାର ଅନ୍ତିମ ଦିବସରେ ନଗରପାଳ ପ୍ରାର୍ଥୀଙ୍କ ସମେତ ସମସ୍ତ ୨୩ ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ ନାମାଙ୍କନ ଦାଖଲ କରିବେ ବୋଲି ଜିଲା ସଭାପତି ସରୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

ଏହି ଉପଲକ୍ଷେ ଦଳର ସଭ୍ୟ ସଂଗ୍ରହ ଅଭିଯାନ ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ରୁକ୍ମିଣୀ ଦଳେଇ, କ୍ଷୀରାବ୍ଧି ତନୟା ଦାସ, ବିନୋଦିନୀ ଦାସ, ମମତାମୟୀ ପଣ୍ଡା, ପୂର୍ବତନ କାଉନସିଲର ବିଷ୍ଣୁପ୍ରିୟା ରଥ, ଭାଜପା କର୍ମକର୍ତ୍ତା ସୁରେଶ ନାୟକ,



କଂଗ୍ରେସ ପ୍ରାର୍ଥୀ ସ୍ମିତାରାଣୀ ସାମଲ।

ଅନ୍ନପୂର୍ଣ୍ଣା ସାମଲ, ପ୍ରତିମା ସ୍ୱାଇଁ ପ୍ରମୁଖ କଂଗ୍ରେସରେ ମିଶିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲା ସଭାପତି ସମରେନ୍ଦ୍ର ନନ୍ଦ, ଏଆଇସିସି ସଭ୍ୟା ସୁବାସିନୀ ମହାକୁଡ, ସୁନୀଲ ଦାଶ, ମୁଖପାତ୍ର ପ୍ରେମଶଙ୍କର ମିଶ୍ର, ନଗର ସଭାପତି ହାଇଦର ମହମ୍ମଦ, ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ଦାସ, ପୂର୍ବତନ କାଉନସିଲର ଗୋପାଳ ସାହୁ, ସୂର୍ଯ୍ୟ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# ଦଳ ଛାଡ଼ିଲେ ଅଶ୍ୱିନୀ

**କାମାକ୍ଷାନଗର, ୬।୩(ଡି.ଏନ୍.ଏ.)**

ପୌର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟାକୁ ମାତ୍ର ଦିନଟିଏ ବାକିଥିବା ବେଳେ ଢେଙ୍କାନାଳ ଜିଲା ଭାଜପାକୁ ଜୋର୍‌ଦାର ଝଟ୍‌କା ଲାଗିଛି। ଦଳର ଜିଲା ଉପସଭାପତି, କାମାକ୍ଷାନଗର ଏନ୍‌ଏସି

**ପୌର ନିର୍ବାଚନ ପୂର୍ବରୁ ଭାଜପାକୁ ଝଟକା**

ସଂଯୋଜକ ତଥା ପୌର ନିର୍ବାଚନରେ ନଗରପାଳ ପ୍ରାର୍ଥୀ ଦୌଡ଼ରେ ଆଗରେ ଥିବା ଅଶ୍ୱିନୀ କୁମାର ମହାପାତ୍ର ରବିବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫା ପତ୍ର ଜିଲା ସଭାପତିଙ୍କ ନିକଟକୁ ପଠାଇଛନ୍ତି। ପାରିବାରିକ ସମସ୍ୟା ଏବଂ ଦଳ ପାଇଁ ସମୟ ଦେଇପାରୁ ନ ଥିବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା ଏଥିରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ୨୦୦୮ରେ ବିଜେଡି କାଉନ୍‌ସିଲର ଭାବେ ବିଜୟୀ ହୋଇଥିବା ଅଶ୍ୱିନୀ ପରେ ଉପନଗରପାଳ ପଦବୀରେ ବସିଥିଲେ। ହେଲେ ସାଢ଼େ ୨ବର୍ଷ ପରେ ଦଳର ଟାଣୁଆ ନେତା ଯଶୋବନ୍ତ ପରିଡ଼ା କୌଶଳ କ୍ରମେ ଅନାସ୍ଥାରେ ତାଙ୍କୁ ଗାଦିଚ୍ୟୁତ କରି ନିଜେ ସେହି ଆସନ



ହାତେଇ ନେଇଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ଅଶ୍ୱିନୀ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାରେ ସାମିଲ ହୋଇଥିଲେ। ଆଞ୍ଚଳିକ ରାଜନୀତିରେ ସକ୍ରିୟ ଥିବା ଅଶ୍ୱିନୀ ଭାଜପାରୁ ନଗରପାଳ ପ୍ରାର୍ଥୀ ହେବା ନେଇ ଆପାତତଃ ସ୍ଥିର ହୋଇଥିବା ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ସେ ଇସ୍ତଫା ଦେବା ପରେ ସବୁ କଳ୍ପନାଜଳ୍ପନାରେ ଯବନିକା ପଡ଼ିଛି। ଅଶ୍ୱିନୀ ନିଜ ଇସ୍ତଫାରେ ବ୍ୟକ୍ତିଗତ କାରଣ ଦର୍ଶାଇଥିଲେ ହେଁ, ଏଭଳି ନିଷ୍ପତ୍ତି ସ୍ଥାନୀୟ ନେତୃତ୍ୱଙ୍କ କାର୍ଯ୍ୟଧାରାକୁ ନେଇ ଲାଗିରହିଥିବା ତୀବ୍ର ଅସନ୍ତୋଷର ପ୍ରତିଫଳନ ବୋଲି ଆଲୋଚନା ହେଉଛି। ଏ ନେଇ ନଗର ଭାଜପା ସଭାପତି ସନ୍ଦୀପ ପଟ୍ଟନାୟକ କୁହନ୍ତି, ଦଳରେ କିଏ ରହିବ ନ ରହିବ ତାହା ବ୍ୟକ୍ତିଗତ ବିଚାର। ଭାଜପା ଏକ ଜାତୀୟ ଦଳ। ଏହା ତା'ର କାର୍ଯ୍ୟଧାରା ଜାରି ରଖିବ।

# ନୂଆ ବଲଣ୍ଡାବାସୀଙ୍କ ଭୋଟବର୍ଜନ ଚେତାବନୀ

**ତାଳଚେର, ୬।୩(ନି.ପ୍ର)**

ତାଳଚେର ପୌରପରିଷଦର ୧୯ନଂ. ୱାର୍ଡ ଅନ୍ତର୍ଗତ ନୂଆ ବଲଣ୍ଡା ଗ୍ରାମବାସୀ ପୌର ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଅନୁଗୋଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ନୂଆବଲଣ୍ଡା ଗ୍ରାମରେ ୨୮୭ ଭୋଟର ଅଛନ୍ତି। ସେମାନେ ୧୫ବର୍ଷ ହେଲା ଭୋଟ ଦେଇ ଆସୁଛନ୍ତି। କିନ୍ତୁ ସେମାନଙ୍କୁ ତାଳଚେର ପୌରାଞ୍ଚଳ ପକ୍ଷରୁ କୌଣସି ମୌଳିକ ସୁବିଧା ମିଳୁନାହିଁ। ଶତାଧିକ ପରିବାର ଅବହେଳିତ ଅବସ୍ଥାରେ ଅଛନ୍ତି। ଏଣୁ ଗ୍ରାମବାସୀଙ୍କ ସର୍ବସମ୍ମତିକ୍ରମେ ପୌର ନିର୍ବାଚନରୁ ଦୂରେଇ ରହି ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ୱାର୍ଡବାସୀଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ଯୋଗାଇବା ଦାବିରେ ବଲଣ୍ଡା ରିହାବିଲିଟେଶନ୍ ଭିଲେଜ୍ କମିଟି ତରଫରୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହ ଏହାର ଏକ ନକଲ ତାଳଚେର ପୌର ନିର୍ବାହୀ ଅଧିକାରଙ୍କୁ ଦିଆଯାଇଛି।

# ଧର୍ମାନନ୍ଦ ନଗରପାଳ ପ୍ରାର୍ଥୀ



ନାମାଙ୍କନ ଦାଖଲ ଅବସରରେ ଧର୍ମାନନ୍ଦ ପରିଡ଼ାଙ୍କ ସମେତ ଅନ୍ୟ କାଉନ୍‌ସିଲର ପ୍ରାର୍ଥୀମାନେ।

**କାମାକ୍ଷାନଗର, ୬।୩(ଡି.ଏନ୍.ଏ.)**

ପୌର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟାକୁ ଦିନଟିଏ ବାକି ଥିବାବେଳେ ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିର ନଗରପାଳ ପ୍ରାର୍ଥୀ ଭାବେ ବିଜେଡି ପକ୍ଷରୁ ଧର୍ମାନନ୍ଦ ପରିଡ଼ାଙ୍କ ନାମ ଘୋଷଣା କରାଯାଇଛି। ରବିବାର ଧର୍ମାନନ୍ଦଙ୍କ ସମେତ ଅନ୍ୟ ୧୩ ଦଳୀୟ କାଉନ୍‌ସିଲର ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ଦାଖଲ କରିଛନ୍ତି। ୫,୦୦୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଧର୍ମାନନ୍ଦ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଶକ୍ତି ପ୍ରଦର୍ଶନ କରିବା ସହ ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଭରିଥିଲେ। ଏମ୍‌ପି ମହେଶ ସାହୁ, ମନ୍ତ୍ରୀ ପ୍ରଫୁଲ୍ଲ କୁମାର

**■ପ୍ରାର୍ଥିପତ୍ର ଦାଖଲ ବେଳେ ବିଜେଡିର ଶକ୍ତି ପ୍ରଦର୍ଶନ**

**■୧୩ ଦଳୀୟ କାଉନ୍‌ସିଲର ପ୍ରାର୍ଥୀ ନାମାଙ୍କନ ଭରିଲେ**

ମଲ୍ଲିକ, ଜିଲା ଛାତ୍ର ବିଜେଡି ସଭାପତି ସୂରଜ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

ଗତ ନିର୍ବାଚନରେ ଧର୍ମାନନ୍ଦ ଏନ୍‌ଏସି ଅଧ୍ୟକ୍ଷ ରହିଥିବାବେଳେ ଦଳ ତାଙ୍କ ଉପରେ ପୁନର୍ବାର ଭରସା କରିଛି। ସେହିପରି ୨ନଂ. ୱାର୍ଡରୁ ଶକୁନ୍ତଳା ସେଠୀ, ୩ନଂ.ରୁ ଲୋପାମୁଦ୍ରା ନାଏକ, ୪ନଂ.ରୁ ରୀତା ନାୟକ, ୫ନଂ.ରୁ ସରୋଜ ମହାଳିକ, ୬ନଂ.ରୁ ରିଙ୍କି ବେହେରା, ୭ନଂ.ରୁ ଅଭିମନ୍ୟୁ ବେହେରା, ୮ନଂ.ରୁ ରୀତାଞ୍ଜଳି ସାହୁ, ୯ନଂ.ରୁ ଜିତେନ୍ଦ୍ର ରାଉଳ, ୧୦ନଂ.ରୁ ସୌମ୍ୟାଶ୍ରୀ ଜୀ, ୧୧ନଂ.ରୁ ପ୍ରମୋଦ ଷେଣ୍ଟ, ୧୨ନଂ.ରୁ ବନମାଳୀ ରାଉଳ, ୧୩ନଂ.ରୁ ସଞ୍ଜୟ ପରିଡ଼ା, ୧୪ନଂ.ରୁ ଖୁଲଣା ବେହେରାଙ୍କୁ ବିଜେଡି କାଉନ୍‌ସିଲର ପ୍ରାର୍ଥୀ କରିଛି। ୧୫ନଂ. ୱାର୍ଡର କାଉନ୍‌ସିଲର ପଦବୀ ଅନୁସୂଚିତ ଜନଜାତି ବର୍ଗ ଲାଗି ସଂରକ୍ଷିତ ରହିଥିବାବେଳେ ଉକ୍ତ ୱାର୍ଡରେ ଏହି ବର୍ଗର କେହି ନାହାନ୍ତି। ସେହିପରି ୧ନଂ. ୱାର୍ଡ ପାଇଁ ଦଳ ପକ୍ଷରୁ ପ୍ରାର୍ଥୀ ଚୂଡ଼ାନ୍ତ ହୋଇ ନ ଥିବା ଜଣାପଡ଼ିଛି।

ଚଳିତ ଥର ପୌର ନିର୍ବାଚନରେ ୫୦% ଆସନ ମହିଳା ବର୍ଗଙ୍କ ଲାଗି ସଂରକ୍ଷିତ ରହିଥିବାବେଳେ ବିଜେଡି ଶୋଭାଯାତ୍ରାରେ ହଜାର ହଜାର ମହିଳା ସାମିଲ ହୋଇଥିଲେ।



ନାମାଙ୍କନପତ୍ର ଦାଖଲ ଅବସରରେ ଆଠମଲ୍ଲିକ ତହସିଲଦାରଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସ ପ୍ରାର୍ଥୀମାନେ।

# ପ୍ରାର୍ଥିପତ୍ର ଦାଖଲ କଲେ ରଞ୍ଜିତା

**ବଇଣ୍ଡା/ମାଧପୁର, ୬।୩(ଡି.ଏନ.ଏ.):**

ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷ ପଦବୀ ପାଇଁ କଂଗ୍ରେସର ରଞ୍ଜିତା ସିଂ ରବିବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତାଙ୍କ ସହ ଦଳୀୟ କାଉନ୍‌ସିଲର ପ୍ରାର୍ଥୀ ୧ନଂ. ୱାର୍ଡରୁ ଅବନ୍ତୀ ମୁଣ୍ଡା, ପ୍ରଶାନ୍ତି ମଲ୍ଲିକ, ୨ନଂ.ରୁ ନଫିର ଖାଁ, ୩ନଂ.ରୁ ପାଇଁ ସବିତା କଅଁର, କୁନ୍ତୀ କଅଁର, ୫ନଂ.ରୁ ଦେବବ୍ରତ ପ୍ରଧାନ, ୮ନଂ.ରୁ ବିଷ୍ଣୁପ୍ରିୟା ମିଶ୍ର, ସସ୍ମିତା ଆଚାର୍ଯ୍ୟ, ୯ନଂ. ୱାର୍ଡରୁ ଦେବେନ୍ଦ୍ର ପ୍ରଧାନ, ସୁଶାନ୍ତ ପ୍ରଧାନ, ୧୦ନଂ. ୱାର୍ଡ ପାଇଁ ସରିତା ପାଣିଗ୍ରାହୀ ଗୋଟିଏ ସେଟ୍ ଲେଖାଏ ନାମାଙ୍କନ ପତ୍ର ଦାଖଲ କରିଥିଲେ। କଂଗ୍ରେସ ନେତା ବିଜୟାନନ୍ଦ ଚାଉଳିଆଙ୍କ ନେତୃତ୍ୱରେ ରଞ୍ଜିତା ଏକ ଶୋଭାଯାତ୍ରାରେ ଆସି ଆଠମଲ୍ଲିକ ତହସିଲଦାର ସୋଫି ସାଇନିକାଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ନଗର କଂଗ୍ରେସ ସଭାପତି କମଳାକାନ୍ତ ପ୍ରଧାନ, କଂଗ୍ରେସ ଜିଲା ଉପସଭାପତି ରମାନନ୍ଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ତହସିଲଦାର ସୋଫି ସୈନିକା, ସହକାରୀ ତହସିଲଦାର ଅଶୋକ ଦେହୁରୀ ଉପସ୍ଥିତ ଥିଲେ।

# ଦିନକରେ ପଡ଼ିଲା ୨୮ ନାମାଙ୍କନ

**ଢେଙ୍କାନାଳ ଅଫିସ, ୬।୩**

ଢେଙ୍କାନାଳ ପୌର ନିର୍ବାଚନ ପାଇଁ ନାମାଙ୍କନ ଦାଖଲର ୫ମ ଦିନରେ ରବିବାର ୨୮ ପ୍ରାର୍ଥିପତ୍ର ଦାଖଲ ହୋଇଛି। ନାମାଙ୍କନ ଦାଖଲକୁ ନେଇ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ପ୍ରାର୍ଥୀମାନେ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସିଥିବାବେଳେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଲୋକାରଣ୍ୟ ହୋଇଉଠିଥିଲା। ଆମ୍ ଆଦ୍‌ମୀ ପାର୍ଟିର ନଗରପାଳ ପ୍ରାର୍ଥୀ ସୋନାଲି ରାଉତ ଦଳର ଆବାହକ ପଙ୍କଜ ନାୟକଙ୍କ ଉପସ୍ଥିତିରେ ନାମାଙ୍କନ ଭରିଥିଲେ।

**ଉପଜିଲାପାଳଙ୍କ କାର୍ଯ୍ୟାଳୟ ଲୋକାରଣ୍ୟ**

ସେହିପରି ଭାଜପା ନଗରପାଳ ପ୍ରାର୍ଥୀ ଜୟନ୍ତୀ ପାତ୍ର ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, କୃଷ୍ଣଚନ୍ଦ୍ର ପାତ୍ର, ସୁନୀଲ ଶର୍ମା, ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ବାଦ୍‌ଦେଲେ ବିଜେଡି, ଭାଜପା ଏବଂ ଏଏପି ପକ୍ଷରୁ ଦଳୀୟ କାଉନ୍‌ସିଲର ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଛନ୍ତି। ୧, ୪, ୯, ୧୧, ୧୨, ୨୦ ଏବଂ ୨୨ନଂ. ୱାର୍ଡରୁ ଜଣେ ଲେଖାଏ, ୧୦, ୧୪, ୧୬ନଂ. ୱାର୍ଡରୁ ୨ ଜଣ ଲେଖାଏ, ୧୩, ୧୫, ୧୭, ୧୯ ଏବଂ ୨୧ନଂ. ୱାର୍ଡରୁ ୩ଜଣ ଲେଖାଏ ପ୍ରାର୍ଥିପତ୍ର ଦାଖଲ କରିଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

ସୋମବାର ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟାର ଅନ୍ତିମ ଦିବସ ରହିଥିବାବେଳେ ବିଜେଡି ନଗରପାଳ ପଦବୀ ପ୍ରାର୍ଥୀ ଘୋଷଣା ଉପରେ ସମସ୍ତଙ୍କ ନଜର ରହିଛି। ୯ ତାରିଖରେ ଯାଞ୍ଚ ଏବଂ ୧୪ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ସହ ଚୂଡ଼ାନ୍ତ ତାଲିକା ପ୍ରକାଶିତ ହେବ।



ଏଏପି ପ୍ରାର୍ଥୀ ସୋନାଲି ରାଉତ ନାମାଙ୍କନ ଦାଖଲ କରୁଛନ୍ତି।



ଭାଜପା ପ୍ରାର୍ଥୀ ଜୟନ୍ତୀ ପାତ୍ର ନାମାଙ୍କନ ଦାଖଲ କରୁଛନ୍ତି।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଲୋକାରଣ୍ୟ ହୋଇଉଠିଛି।

# ବିଜେଡିରୁ ଅକ୍ଷୟ, ଭାଜପାରୁ ଦିଲୀପ


ବିଜେଡି ନଗରପାଳ ପ୍ରାର୍ଥୀ ଅକ୍ଷୟ କୁମାର ସାମନ୍ତ ନାମାଙ୍କନ ଦାଖଲ କରୁଛନ୍ତି।

**ଅନୁଗୋଳ ଅଫିସ, ୬।୩**

ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଯାହା ଆଲୋଚନା ହେଉଥିଲା ତାହା ସତ ହୋଇଛି। ଅନୁଗୋଳ ମ୍ୟୁନିସିପାଲିଟି ପୌରାଧ୍ୟକ୍ଷ ପଦବୀ ଲାଗି ବିଜେଡି ଅକ୍ଷୟ କୁମାର ସାମନ୍ତଙ୍କୁ ପ୍ରାର୍ଥୀ କରିଛି। ସେ ରବିବାର ଦଳୀୟ କର୍ମକର୍ତ୍ତାଙ୍କ ଗହଣରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଛନ୍ତି। ଜିଲା ସଭାପତି ମହେନ୍ଦ୍ର ବସ୍ତିଆଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଅନୁଗୋଳ ପୌରାଧ୍ୟକ୍ଷ ପ୍ରାର୍ଥୀ ଘୋଷଣା

ସୂଚନାଯୋଗ୍ୟ, ଅକ୍ଷୟ ୨୦୧୩ରୁ ୨୦୧୮ ଯାଏ କଂଗ୍ରେସ ପକ୍ଷରୁ ଅନୁଗୋଳ ନଗରପାଳ ପଦବୀରେ ରହିଥିଲେ। ନିକଟରେ ସେ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିବାବେଳେ ନଗରପାଳ ପ୍ରାର୍ଥୀ ଦୌଡ଼ରେ ଆଗରେ ଥିଲେ। ଏହାକୁ ନେଇ ଦଳରେ ବିଦ୍ରୋହ ସୃଷ୍ଟି ହୋଇଥିଲା। ଏଥିରେ ଅସନ୍ତୁଷ୍ଟ ହୋଇ ବହୁ ପୁରୁଣା କର୍ମକର୍ତ୍ତା ଏକ ବୈଠକ କରିଥିଲେ। ତାଙ୍କୁ ନଗରପାଳ ପ୍ରାର୍ଥୀ ନ କରିବା ଲାଗି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଥିଲେ। ଅକ୍ଷୟ ନାମାଙ୍କନ ପତ୍ର ଦାଖଲ କରିବା ପରେ ଦଳରେ ଅସନ୍ତୁଷ୍ଟଙ୍କ ସଂଖ୍ୟା ବଢ଼ିବା ନେଇ ଚର୍ଚ୍ଚା ହେଉଛି।

ସେହିପରି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ଜିଲା ସଭାପତି ଡିଲେଶ୍ୱର ପ୍ରଧାନ ଅନୁଗୋଳ ନଗରପାଳ ପ୍ରାର୍ଥୀ ଭାବେ ଦିଲୀପ କୁମାର ପ୍ରଧାନଙ୍କ ନାମ ଘୋଷଣା କରିଛନ୍ତି। ଏଥିପୂର୍ବରୁ ତାଳଚେର ନଗରପାଳ ପ୍ରାର୍ଥୀ ଭାବେ ଯଯାତି କେଶରୀ ପଟ୍ଟନାୟକ ଏବଂ ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷ ପଦବୀ ଲାଗି ଯୋଗମାୟା ପ୍ରିୟଦର୍ଶିନୀ ମହାପାତ୍ରଙ୍କ ନାମ ଘୋଷଣା କରାଯାଇଥିଲା। ଏହି ଅବସରରେ ଜିଲା ସଭାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ଜିଲା ପ୍ରଭାରୀ ସୀମାଞ୍ଚଳ ଖଟାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ପ୍ରତିମା ମିଶ୍ର, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲା ସମ୍ପାଦକ ସୋମନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ଦିଲୀପ କୁମାର ପ୍ରଧାନ


ଯଯାତି ପଟ୍ଟନାୟକ


ଯୋଗମାୟା ମହାପାତ୍ର

## ୟୁକ୍ରେନ୍‌ରୁ ଫେରିଲେ ୨ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ, ୬।୩**


ଲୋପାମୁଦ୍ରା ବେହେରା


ଆଶାଦୀପ ମହାପାତ୍ର

ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ରେ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିବା ଲାଗି ଜୋରଦାର ଉଦ୍ୟମ ଚାଲିଛି। ସେଠାରେ ଅଟକିଥିବା ଡାକ୍ତରୀ ପଢ଼ୁଆ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ବିମାନରେ ସ୍ୱଦେଶ ଅଣାଯାଉଛି। ଏହିକ୍ରମରେ ଶନିବାର ଢେଙ୍କାନାଳ ସହର ଗୁଡିଆନାଳୀ ଅଞ୍ଚଳର

### ପରିବାରରେ ଖୁସିର ଲହରି

ଡାକ୍ତରୀ ଛାତ୍ରୀ ଲୋପାମୁଦ୍ରା ବେହେରା ଏବଂ କଲେଜ ବାଇପାସ୍ ଅଞ୍ଚଳର ଆଶାଦୀପ ମହାପାତ୍ର ଘରକୁ ଫେରିଛନ୍ତି। ପିଲାମାନଙ୍କ ସୁରକ୍ଷିତ ଘରବାହୁଡ଼ା ନେଇ ପରିବାର ଲୋକେ ଆଶା ଆଶଙ୍କାରେ ଥିବାବେଳେ ସେମାନଙ୍କ ଘରେ ଖୁସିର ଲହରି ଖେଳିଯାଇଛି।

ଇଞ୍ଜିନିୟର ବିଜୟ ବେହେରା ଏବଂ ପ୍ରତିମା ବେହେରାଙ୍କ ଏକମାତ୍ର ଝିଅ ହେଉଛନ୍ତି ଲୋପାମୁଦ୍ରା। ୟୁକ୍ରେନ୍‌ର ଭିନିଷ୍ଟା ନ୍ୟାଶନାଲ ମେଡିକାଲ ୟୁନିଭରସିଟିର ସେ ଦ୍ୱିତୀୟ ବର୍ଷ ଛାତ୍ରୀ। ସେ ୨୦୨୦ରେ ଡାକ୍ତରୀ ପାଠ ପଢ଼ିବା ପାଇଁ ଯାଇଥିଲେ। ସେହିପରି ଆଦିତ୍ୟ ମହାପାତ୍ରଙ୍କ ପୁଅ ଆଶାଦୀପ ଉକ୍ତ ବିଶ୍ୱବିଦ୍ୟାଳୟର ୩ୟ ବର୍ଷର ଛାତ୍ର। ଏ ସଂକ୍ରାନ୍ତରେ ଲୋପାମୁଦ୍ରାଙ୍କ ବାପା ବିଜୟ କୁହନ୍ତି, ଡାକ୍ତରୀ ପାଠ ପଢ଼ିବା ଲାଗି ସମସ୍ତ ସୁବିଧା ଥିବା ଏବଂ ଶାନ୍ତିପ୍ରିୟ ଦେଶ ହୋଇଥିବାରୁ ଝିଅକୁ ୟୁକ୍ରେନ୍ ପଠାଇଥିଲୁ। ହେଲେ ସ୍ଥିତି ଏଭଳି ଭୟଙ୍କର ହେବ ବୋଲି ଜାଣି ନ ଥିଲୁ। ପରିସ୍ଥିତି ସୁଧୁରିଲେ ଝିଅକୁ ପୁଣି ୟୁକ୍ରେନ୍ ପଠାଇବୁ ବୋଲି ବିଜୟ କୁହନ୍ତି। ସେହିପରି ଆଶାଦୀପଙ୍କ ବଡ଼ବାପା ଅନିଲ ମହାପାତ୍ର କୁହନ୍ତି, ପୁଅ ପହଞ୍ଚିବା ପରେ ସମସ୍ତେ ଆଶ୍ୱସ୍ତ ହୋଇଛୁ।

## ସଂକ୍ଷେପରେ

### ଉତ୍ପାଦନ ବଢ଼ାଇବ ଉନ୍ନତ କୃଷି ଯନ୍ତ୍ରପାତି

**ଢେଙ୍କାନାଳ ଅଫିସ, ୬।୩:** ଢେଙ୍କାନାଳ ସଦର ବ୍ଲକ ନାଥୁଆ ଗ୍ରାମରେ ବଳଦଟଣା ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର ସମ୍ପର୍କିତ କୃଷକ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓୟୁଏଟି ପଶୁଶକ୍ତି ସଦୁପଯୋଗ ସମ୍ପର୍କିତ ସର୍ବଭାରତୀୟ ଗବେଷଣା ପ୍ରକଳ୍ପ ଏବଂ ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ଅଧୀନରେ ବିକଶିତ ହୋଇଥିବା ଉନ୍ନତ ଜୁଆଳି, ବଳଦଟଣା ମୋଟପତ୍ର ଲଙ୍ଗଳ, କାଦୁଅ ଯନ୍ତ୍ର, ୫ ଧାଡ଼ିଆ ମଞ୍ଜି ଓ ସାର ବୁଣା ଯନ୍ତ୍ର ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ଜିଲା କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ,



ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି, ବୈଜ୍ଞାନିକ ଦିବ୍ୟସୁନ୍ଦର କର ଉପସ୍ଥିତ ରହି ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର ଉତ୍ପାଦନ ବଢ଼ାଇବ ବୋଲି କହିଥିଲେ। ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

### ପଞ୍ଚାୟତସ୍ତରୀୟ କ୍ରିକେଟ: ନୂଆ ଟିମ୍ ଚାମ୍ପିୟନ



**ପରଜଙ୍ଗ, ୬।୩(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ରିଆ ଖେଳପଡ଼ିଆରେ ବାବା ସାଧୁ ଗୋସାଇଁ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପରଜଙ୍ଗ ବ୍ଲକ କମର ଦଳକୁ ହରାଇ ନୂଆ ଟିମ୍ ଚାମ୍ପିୟନ ହୋଇଛି। ଦୁଷ୍ମନ୍ତ ସାମଲ, ଶୁଭ୍ରଜିତ ସାମଲ ଖେଳ ପରିଚାଳନା କରିଥିବାବେଳେ ପ୍ରମୋଦ ସାମଲ ଧାରା ବିବରଣୀ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସମ୍ମାନିତ ଅତିଥି କୁମୁସି ସରପଞ୍ଚ ବଳରାମ ନାଏକ, ୱାର୍ଡ ମେମ୍ବର ମଧୁସ୍ମିତା ରାଉତ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ।

### ରାଜଲକ୍ଷ୍ମୀଙ୍କୁ ନଗରପାଳ ଟିକେଟ ଦେଲା ଓଜେପି

**ଢେଙ୍କାନାଳ ଅଫିସ, ୬।୩:** ଢେଙ୍କାନାଳ ପୌର ପରିଷଦ ନିର୍ବାଚନରେ ଓଡ଼ିଶା ଜନତା ପାର୍ଟି (ଓଜେପି) ମଇଦାନକୁ ଓହ୍ଲାଇଛି। ଦଳୀୟ ରାଜ୍ୟ ସଭାପତି ତଥାଗତ ସ୍ୱାଇଁ ନଗରପାଳ ପ୍ରାର୍ଥୀ ଭାବେ ରାଜଲକ୍ଷ୍ମୀ ବେହେରାଙ୍କ ନାମ ଘୋଷଣା କରିଛନ୍ତି। ଲୋକଙ୍କ ସମର୍ଥନରେ ଦଳ ପୌର ନିର୍ବାଚନ ଲଢ଼ିବ ବୋଲି ଜିଲା ସଭାପତି ପ୍ରତାପ କୁମାର ପଣ୍ଡା ସୂଚନା ଦେଇଛନ୍ତି।

### ସଂକୀର୍ତ୍ତନ ଗୁରୁଙ୍କ ପରଲୋକ

**କଣିହାଁ, ୬।୩(ଡି.ଏନ.ଏ.):** ସାମାଜିକ କର୍ମୀ ତଥା କଣିହାଁ ଅଞ୍ଚଳର ବରିଷ୍ଠ ସଂକୀର୍ତ୍ତନ ଗୁରୁ ଛାଲ ସାହୁ(୮୫)ଙ୍କ ରବିବାର ପରଲୋକ ହୋଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଟିକିରା ନଦୀ କୂଳରେ ଶ୍ମଶାନରେ ତାଙ୍କର ମୃତଦେହ ସଂସ୍କାର କରାଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ତାଙ୍କ ଶେଷ ଦର୍ଶନ କରିଥିଲେ।

### ଅଷ୍ଟ ପ୍ରହର ଅଖଣ୍ଡ ନାମଯଜ୍ଞ

**ଅନୁଗୋଳ ଅଫିସ, ୬।୩:** ବଅଁରପାଳ ବ୍ଲକ ତଳମୂଳ ନୂଆସାହି ଗ୍ରାମରେ ଚାଲିଥିବା ଭଗବାନ ଶ୍ରୀକୃଷ୍ଣଙ୍କ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି। ଏହି ଉପଲକ୍ଷେ ଶତାଧିକ ଶ୍ରଦ୍ଧାଳୁ ନଗର କୀର୍ତ୍ତନରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ନାମଯଜ୍ଞରେ ଅନୁଗୋଳ, ଢେଙ୍କାନାଳ ଜିଲାର ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଗ୍ରାମର ଅରୁଣୋଦୟ ଯୁବ ସଂସଦର ସମସ୍ତ କାର୍ଯ୍ୟକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ସଂସଦ ପକ୍ଷରୁ ଅଧ୍ୟାପକ ପ୍ରଦୀପ ଦାଶ ଧନ୍ୟବାଦ ଦେଇଥିଲେ।

## ଟାଟାଷ୍ଟିଲ୍ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ



କମ୍ପାନୀର ଅଧିକାରୀମାନେ ଶପଥପାଠ କରାଉଛନ୍ତି।

**ଢେଙ୍କାନାଳ ଅଫିସ, ୬।୩**

ଢେଙ୍କାନାଳ ଜିଲା ଟାଟାଷ୍ଟିଲ୍, ମେରାମଣ୍ଡଳୀ ପକ୍ଷରୁ କମ୍ପାନୀ ପରିସରରେ ଫେବୃୟାରୀ ୪ରୁ ଆରମ୍ଭ ହୋଇଛି ୫୧ତମ ଜାତୀୟ ସୁରକ୍ଷା ସପ୍ତାହ। ଏହା ଆସନ୍ତା ୧୧ ତାରିଖ ଯାଏ ଚାଲିବ। ସପ୍ତାହର ପ୍ରଥମ ଦିବସକୁ ଜାତୀୟ ସୁରକ୍ଷା ଦିବସ ଭାବେ ପାଳନ କରାଯାଇଛି। ଓଡ଼ିଶା ସରକାରଙ୍କ ଫ୍ୟାକ୍ଟ୍ରି ଓ ବଏଲର୍ସ ବିଭାଗ ତଥା ଢେଙ୍କାନାଳ ଜୋନ୍‌ର ସହକାରୀ ନିର୍ଦ୍ଦେଶିକା ଇଂ. ପୁଷ୍ପମିତ୍ରା ଜେନା, ଟାଟାଷ୍ଟିଲ୍ ମେରାମଣ୍ଡଳୀର ଶେୟାର୍ଡ ସର୍ଭିସ୍ ବିଭାଗ ମୁଖ୍ୟ ବେଦପ୍ରକାଶ ଠାକୁର, ସୁରକ୍ଷା ବିଭାଗ ମୁଖ୍ୟ ଅଗମ କୁମାରଙ୍କ ଉପସ୍ଥିତିରେ ସୁରକ୍ଷା ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ଅଧିକାରୀଙ୍କ ଦ୍ୱାରା ସୁରକ୍ଷା ଶପଥପାଠ କରାଯାଇଥିଲା। ଏହି ଅବସରରେ କୋଲ୍ଡ ରୋଲିଂ ମିଲ୍ କମ୍ପ୍ଲେକ୍ସରେ ସୁରକ୍ଷା ଦୃଷ୍ଟିରୁ ମଡେଲ କାର୍ଯ୍ୟସ୍ଥଳୀ, ଆଇନା ଓ କୋକ୍ ଓଭନ୍-୨ ଅଞ୍ଚଳରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। କମ୍ପାନୀର କର୍ମଚାରୀ ଏବଂ ସେମାନଙ୍କ ପରିବାର ଲୋକଙ୍କ ମଧ୍ୟରେ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା, ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇ ସଚେତନ କରାଯାଉଛି।

## ଆତ୍ମନିର୍ଭର ହେଲେ ଆର୍ଥିକ ସ୍ଥିତି ସୁଦୃଢ଼ ହେବ




**ଢେଙ୍କାନାଳ ଅଫିସ, ୬।୩**

ଢେଙ୍କାନାଳ ସଦର ବ୍ଲକ ବଣସିଂହ ପଞ୍ଚାୟତରେ ମହିଳା ଚାଷୀଙ୍କୁ ନେଇ ୧୦ଦିନିଆ ଛତୁଚାଷ ସମ୍ପର୍କିତ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ୟୁକୋ ବ୍ୟାଙ୍କ ଗ୍ରାମ୍ୟ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନାବାର୍ଡ ଡିଡିଏମ୍ ଡ. ଜ୍ଞାନେନ୍ଦ୍ର ରାଉତ, ଲିଡ୍ ବ୍ୟାଙ୍କ ପରିଚାଳକ ଡ. ସନୋଜ କୁମାର ସିଂ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମ୍ୟାନେଜର ନିଖିଲ କୁମାର ଓଝା, ପୂର୍ବତନ ସରପଞ୍ଚ କପିଳ ଘଡେଇ, ଜୟନ୍ତ ହୋତା ପ୍ରମୁଖ ଯୋଗଦେଇଥିଲେ। ମହିଳା ଚାଷୀ ଆତ୍ମନିର୍ଭରଶୀଳ ହେଲେ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ୩୦ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ। ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶିକା ବିଶ୍ୱଭାରତୀ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ସୁଚିତ୍ରା ଗଡନାୟକ, ସହାୟକ ପ୍ରଣବ ରଞ୍ଜନ ମିଶ୍ର, ସତ୍ୟଶୁଭମ୍ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## ୬୦ ୟୁନିଟ୍ ରକ୍ତ ସଂଗ୍ରହ

**ବଇଣ୍ଡା, ୬।୩(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ବଡ଼ବରରେ ରବିବାର ମା' ଲକ୍ଷ୍ମୀ କ୍ଲବ ଓ ବଜରଙ୍ଗୀ କ୍ଲବ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ସସ୍ମିତା ବେହେରା, ୱାର୍ଡମେମ୍ବର ପଦ୍ମିନୀ ବେହେରା, ଶକ୍ତି ସାହୁ, ସୁଶୀଲ ସାହୁ, ଟୁକୁନା ପ୍ରଧାନ, ଚିକୁନ ପ୍ରଧାନ, ପ୍ରଶାନ୍ତ ସାହୁ, ବୁଲୁ ପ୍ରଧାନ, ରଞ୍ଜନ ସାହୁ , ବୈକୁଣ୍ଠ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ମୋଟ୍ ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁନୀଲ ପଣ୍ଡା ଯୋଗଦେଇ ରକ୍ତଦାତାଙ୍କ ରକ୍ତଚାପ ପରୀକ୍ଷା କରିଥିଲେ। ଆଠମଲ୍ଲିକ ରକ୍ତଭଣ୍ଡାରର ରବୀନ୍ଦ୍ରନାଥ ମହାନ୍ତି, ମୀନକେତନ ରାଉଳ, ସ୍ନିଗ୍ଧାରାଣୀ ସିଂ, ସୁଶାନ୍ତ ସାହୁ, ଦୀପକ ବେହେରା, ଶ୍ରୀତମ୍ ବେହେରା ପ୍ରମୁଖ ସହଯୋଗ କରିଥିଲେ।


ଜଣେ ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

## ମହିଳାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**ରୂପ୍‌ସା, ୬।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଶନିବାର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ରଣଜିତ ସିଂ (୬୦)। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୨୧/୨୨) ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।ଗତ ୧୩ତାରିଖ ରାତିରେ ଅଭିଯୁକ୍ତ ରଣଜିତ ନିଜର ସହଯୋଗୀଙ୍କୁ ନେଇ ଉକ୍ତ ମହିଳାଙ୍କୁ ଘରୁ ଅପହରଣ କରି ସ୍ଥାନୀୟ ଶ୍ମଶାନରେ ବଳାତ୍କାର କରିଥିଲେ। ପରଦିନ ସକାଳେ ପୀନିତା ମୁମୂର୍ଷୁ ଅବସ୍ଥାରେ ସେଠାରେ ପଡ଼ିଥିବା ଗାଁ ଲୋକେ ଦେଖିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବସ୍ତା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ସୁସ୍ଥ ହୋଇ ଘଟଣା ସମ୍ପର୍କରେ ସବୁ କହିବା ପରେ ତାଙ୍କ ଝିଅ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ସୂଚନ୍ଦ୍ର ମହାଲିକ ଓ ତଦନ୍ତ ଅଧିକାରୀ ସବ୍ୟସାଚୀ ମହାନ୍ତି ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଗିରଫ କରିବାରେ ସମର୍ଥ ହୋଇଥିବା ସୂଚନା ମିଳିଛି।

### ଖାଇବା ତେଲର କଳାବଜାର

**ଖଇରା, ୬।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା, କୁପାରୀ, ଗଣ୍ଡିବେଡ, ଡୁଡିଗଡିଆ, ଡୁଙ୍ଗୁରା ଇତ୍ୟାଦି ବଜାରରେ ଖାଇବା ତେଲର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଛି। ଧାର୍ଯ୍ୟମୂଲ୍ୟଠାରୁ ୨୦ରୁ ୩୦ଟଙ୍କା ଅଧିକ ନିଆଯିବା କାରଣରୁ ଖାଉଟି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ତୁରନ୍ତ ଯୋଗାଣ ବିଭାଗ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## 'ତ୍ରୁଟିପୂର୍ଣ୍ଣ ସାହିତ୍ୟ ଉତ୍ତର ପିଢ଼ି ପାଇଁ ଘାତକ'

**ବଇଣ୍ଡା, ୬।୩(ଡି.ଏନ୍.ଏ.)**


ବୈଠକରେ ଉପସ୍ଥିତ ଅତିଥିମାନେ।

ତ୍ରୁଟିପୂର୍ଣ୍ଣ ସାହିତ୍ୟ ସର୍ଜନା ଉତ୍ତରପିଢ଼ି ପାଇଁ ଘାତକ। କେବଳ ଲୋକାଭିମୁଖୀ ରଚନା ଏବଂ ଶୁଦ୍ଧତା ସାହିତ୍ୟକୁ କାଳଜୟୀ କରିପାରିବ। ପାଠକଙ୍କୁ ଆକୃଷ୍ଟ କରିବା ଲାଗି ନୂଆପଣ ବିଶେଷ ସହାୟକ ହୋଇଥାଏ। ସାହିତ୍ୟ ସଂଖ୍ୟାତ୍ମକ ନ ହୋଇ ଗୁଣାତ୍ମକ ହେବା ସମୟର ଆଜିକାର ଆହ୍ୱାନ ବୋଲି କିଶୋରନଗର ବ୍ଲକ ବଣିନାଳୀସ୍ଥିତ ବିଶ୍ୱ ଯୁବକେନ୍ଦ୍ର ପରିସରରେ ରବିବାର ଅନୁଷ୍ଠିତ ତ୍ରିଧାରା ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି।

ସଂସଦ ସଭାପତି ଶ୍ରୀବତ୍ସ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ ବେହେରା, ମୁଖ୍ୟବକ୍ତା ଡ. ସୁରେନ୍ଦ୍ରନାଥ ତ୍ରିପାଠୀ, ଅନ୍ୟତମ ଅତିଥି ସଂଗ୍ରାମ କେଶରୀ ପୃଷ୍ଟି, ସଞ୍ଜୟ ପଣ୍ଡା ଯୋଗଦେଇଥିଲେ। ଏହି ଉତ୍ସବରେ ସଂସଦର ମୁଖପତ୍ର 'ତ୍ରିଧାରା', 'ତୁଳସୀ' ସହ ୯ ପୁସ୍ତକ ଉନ୍ମୋଚନ ହୋଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ୬ଜଣଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ରମେଶ ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ଘନଶ୍ୟାମ ସାହୁ, ନିତ୍ୟାନନ୍ଦ ବାରିକ, ବିନିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହକ୍ ମାଗିଲେ କଳାକାର


ବୈଠକରେ କଳାକାର ସଂଘର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସମେତ ଅନ୍ୟମାନେ।

**କଣିହାଁ, ୬।୩(ଡି.ଏନ୍.ଏ.)**

କଣିହାଁ ବ୍ଲକ କଳାସଂସ୍କୃତି ସଂଘର ଏକ ବୈଠକ ରବିବାର ଗହମ ଆମ୍ବତୋଟାରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ନବଘନ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତସ୍ତରୀୟ କଳାକାର ସଂଘର ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ମହିଳାପୁରୁଷ କଳାକାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। କଳାକାର ଭତ୍ତା ସହିତ ଅନ୍ୟାନ୍ୟ ମୌଳିକ ସୁବିଧାକୁ ନେଇ ଏକ ଦାବିପତ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। କୌଣସି କଳାକାରଙ୍କ ବିୟୋଗ ହେଲେ ତାଙ୍କ ନାମସଂକୀର୍ତ୍ତନ କରି ଶେଷ ସମ୍ମାନ ଜଣାଇବା, ଦୁର୍ଘଟଣାଗ୍ରସ୍ତ ଓ ଅସହାୟ କଳାକାରଙ୍କୁ ବିପତ୍ତିବେଳେ ସହଯୋଗ କରିବା ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିପିନ ବିହାରୀ ପଟ୍ଟନାୟକ, ଶାନ୍ତିଲତା ଦାସ, କରୁଣାକର ସେଠୀ, ନୟନ ଦେହୁରୀ, ପ୍ରସନ୍ନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବିଜେଡିରୁ ଶୁଭେନ୍ଦୁ, କଂଗ୍ରେସରୁ ବିନୋଦ



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ଶୁଭେନ୍ଦୁଙ୍କ ନାମ ଘୋଷଣା କରୁଛନ୍ତି।

**ଭୁବନ, ୬।୩(ଡି.ଏନ୍.ଏ)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ପୌର ନିର୍ବାଚନ ଲାଗି ବିଜେଡି ପକ୍ଷରୁ ଶୁଭେନ୍ଦୁ କୁମାର ସାହୁଙ୍କୁ ରବିବାର ସନ୍ଧ୍ୟାରେ ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ଚୟନ କରାଯାଇଛି। ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ଏନ୍‌ଏସି ବିଜେଡି ସଭାପତି ନନ୍ଦକିଶୋର ସାହୁଙ୍କ ଉପସ୍ଥିତିରେ ତାଙ୍କୁ ଦଳୀୟ ଟିକେଟ ପ୍ରଦାନ କରାଯାଇଛି। ଏଥିସହ

### ଭୁବନ ଏନ୍‌ଏସି ଅଧ୍ୟକ୍ଷ ପ୍ରାର୍ଥୀ

ମୋଟ ୧୫ ୱାର୍ଡ ଲାଗି କାଉନ୍‌ସିଲର ପ୍ରାର୍ଥୀଙ୍କ ନାମ ମଧ୍ୟ ଚୂଡ଼ାନ୍ତ କରାଯାଇଛି। ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ ସମସ୍ତେ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରାଜନୀତିରେ ଶୁଭେନ୍ଦୁ ହେଉଛନ୍ତି ନୂଆମୁହଁ। ଜଣେ ବ୍ୟବସାୟୀ ଏବଂ ସାମାଜିକ କର୍ମୀଭାବେ ଅଞ୍ଚଳରେ ତାଙ୍କର ଖ୍ୟାତି ରହିଛି। ଜନସମ୍ପର୍କ ଭଲ ଥିବାରୁ ତାଙ୍କୁ ବିଜେଡି ଟିକେଟ ଦେଇଥିବା ଆଲୋଚନା ହେଉଛି।

ଅପରପକ୍ଷେ କଂଗ୍ରେସ ପକ୍ଷରୁ ଯୁବନେତା ବିନୋଦ କୁମାର ମହାରଣାଙ୍କୁ ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିବାବେଳେ ସେ ରବିବାର ନାମାଙ୍କନ ଦାଖଲ କରିଛନ୍ତି। ଦଳୀୟ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ପରେ ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତାଙ୍କ ସହ ୮ଜଣ କଂଗ୍ରେସ ପ୍ରାର୍ଥୀ କାଉନ୍‌ସିଲର ପଦବୀରେ ନାମାଙ୍କନ ଦାଖଲ କରିଛନ୍ତି। ୧ନଂ. ୱାର୍ଡରୁ ଚନ୍ଦନ ସେଠୀ, ୫ନଂ.ରୁ ଟୁକୁନା ସାହୁ, ୬ନଂ.ରୁ ବସନ୍ତ ଦାସ, ୭ନଂ.ରୁ ସୁକାନ୍ତ ସାହୁ, ୮ନଂ.ରୁ ସୁଷମା ପାତ୍ର, ୯ନଂ.ରୁ ହାଡ଼ିବନ୍ଧୁ ସାହୁ, ୧୩ନଂ.ରୁ ହରିହର ସାହୁ, ୧୪ନଂ.ରୁ ଝରଣା ବେହେରା ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନିର୍ବାଚନ ଅଧିକାରୀ ତଥା ତହସିଲଦାର ରୋସାଲିନ ବେହେରା ଏଥିରେ ସହଯୋଗ କରିଥିଲେ।


ବିନୋଦ କୁମାର ମହାରଣା ନାମାଙ୍କନ ଦାଖଲ କରୁଛନ୍ତି।

